# ତହସିଲ କାର୍ଯ୍ୟାଳୟ,କନିକା

ଜିଲ୍ଲା-କେନ୍ଦ୍ରାପଡା

**ସର୍ବସାଧାରଣ ଇସ୍ତିହାର**

ପତ୍ରାଙ୍କ ନଂ ୪୫୪ //ତା ୦୨.୦୨.୨୦୨୬ //

**ଡି-ରିଜର୍ଭେସନ(De-reservation)କେଶନଂ – ୦୨ / ୨୦୨୫-୨୬**

ଏତଦ୍ୱାରା ମୌଜା–ଅଚିନ୍ତା, ଥାନା–ରାଜକନିକା, ଜିଲ୍ଲା–କେନ୍ଦ୍ରାପଡ଼ା ଅନ୍ତର୍ଗତ ସରକାରୀ ଜମି ସମ୍ବନ୍ଧରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନୋଲ୍ଲେଖିତ ତଫସିଲଭୁକ୍ତ ସଂରକ୍ଷିତ ସରକାରୀ ଜମିକୁ ଶ୍ରୀମତୀ ଡଲି ସେଠୀ, ସ୍ୱାମୀ–ରଥ ସେଠୀ ଏବଂ ଶ୍ରୀ ରଥ ସେଠୀ, ପିତା–ହରି ସେଠୀଙ୍କ ପକ୍ଷରେ, ବସୁନ୍ଧରା ଯୋଜନା ଅଧୀନରେ ଭୂମିହୀନ ପରିବାରମାନଙ୍କୁ ସରକାରୀ ଜମି ପଟ୍ଟାକରଣ କରିବା ନିମନ୍ତେ, ଉକ୍ତ ଜମିର ରକବା ଏ୦.୦୮ ସ୍ଥ ଏ୦.୦୪ କୁ "ରକ୍ଷିତ" ଖାତାରୁ "ଆବାଦ ଯୋଗ୍ୟ ଅନାବାଦୀ" ଖାତାକୁ ଏବଂ କିସମ "ଗୋଚର"କୁ "ପତିତ" କିସମରେ ରେକର୍ଡ ସଂଶୋଧନ କରାଯିବା ପାଇଁ, ଜିଲ୍ଲାପାଳ ମହୋଦୟ, କେନ୍ଦ୍ରାପଡ଼ାଙ୍କ ପତ୍ର ସଂଖ୍ୟା–୪୪୭୭/ରାଜସ୍ୱ, ତା. ୧୮.୧୨.୨୦୨୫ (ପ୍ରତିଲିପି ସଂଲଗ୍ନ) ମାଧ୍ୟମରେ ଅନୁମୋଦନ ପ୍ରଦାନ କରାଯାଇଛି।

ଉକ୍ତ ଆଦେଶାନୁଯାୟୀ, ଉକ୍ତ ସଂରକ୍ଷିତ ସରକାରୀ ଜମିର ରକବା ଏ୦.୦୮ ସ୍ଥ ଏ୦.୦୪ କୁ "ରକ୍ଷିତ" ଖାତା , କିସମ- "ଗୋଚର" କୁ ନିମ୍ନୋଲ୍ଲେଖିତ ନୂତନ ସଂଶୋଧନ ତଫସିଲ ଅନୁଯାୟୀ "ଆବାଦ ଯୋଗ୍ୟ ଅନାବାଦୀ" ଖାତା, କିସମ –"ପତିତ ରେ ସଂଶୋଧିତ କରାଯିବାକୁ ନିର୍ଦ୍ଧାରିତ କରାଯାଇଅଛି ।

ଏଣୁ,ଏହି ବାବଦରେ ଯଦି କାହାର କୌଣସି ଆପତ୍ତି କିମ୍ବା ଅଭିଯୋଗ ରହିଥାଏ, ତେବେ ଇସ୍ତାହାର ଜାରିହେବା ତାରିଖରୁ **୧୫ ଦିନ (ପନ୍ଦର ଦିନ)** ମଧ୍ୟରେ, ଲିଖିତ ଅଭିଯୋଗ ପତ୍ର ସହିତ ସ୍ୱୟଂ ବା ନିଜ ପ୍ରତିନିଧିଙ୍କ ମାଧ୍ୟମରେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଉପସ୍ଥିତ ହୋଇ ନିଜ ସପକ୍ଷରେ ଆବଶ୍ୟକୀୟ କାଗଜପତ୍ର ଦର୍ଶାଇବାକୁ ହେବ । ଧାର୍ଯ୍ୟ ସମୟସୀମା ପରେ କୌଣସି ଆପତ୍ତି କିମ୍ବା ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ଧାର୍ଯ୍ୟ ସମୟସୀମା ଅତିକ୍ରମ ପରେ, ଉକ୍ତ ଜମିକୁ "ଆବାଦ ଯୋଗ୍ୟ ଅନାବାଦୀ" ଖାତା, କିସମ–"ପତିତ " ଭାବେ ରେକର୍ଡ ସଂଶୋଧନ କରାଯିବ।

ଅଦ୍ୟ ଅଦାଲତର ମୋହରଯୁକ୍ତ ସ୍ୱାକ୍ଷର ବିଧିଯୁକ୍ତ ଦିଆଗଲା ।

**ଜମିର ତଫସିଲ**

| ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ ନଂ. | ରକବା | କିସମ |
|---|---|---|---|---|---|
| ଅଚିନ୍ତା | ରାଜକନିକା<br>ଥାନା ନଂ. -୪୮ | ୧୦୮<br>(ରକ୍ଷିତ) | ୩୨୦ | ଏ ୦.୦୮ ସ୍ଥ<br>ଏ ୦.୦୪ | ଗୋଚର |

**ନୂତନ ସଂଶୋଧନ ତଫସିଲ (ଆଦେଶ ମୁତାବକ )**

| ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ ନଂ. | ରକବା | କିସମ |
|---|---|---|---|---|---|
| ଅଚିନ୍ତା | ରାଜକନିକା<br>ଥାନା ନଂ. -୪୮ | ୧୦୯<br>(ଆବାଦ ଯୋଗ୍ୟ ଅନାବାଦୀ) | ୩୨୦/୪୫୧ | ଏ ୦.୦୪ | ପତିତ |

**ତହସିଲଦାର, କନିକା ।**

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କନିକାଙ୍କ ନୋଟିସ ବୋର୍ଡ/ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାଜକନିକାଙ୍କ ନୋଟିସ ବୋର୍ଡ / ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, କଣ୍ଟପଡାଙ୍କ ନୋଟିସ ବୋର୍ଡ / ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ବରାଡିଆଙ୍କ ନୋଟିସ ବୋର୍ଡ / ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କଣ୍ଟପଡା ଙ୍କ ନୋଟିସ ବୋର୍ଡ /ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବାଘବୁଦାଙ୍କ ନୋଟିସ ବୋର୍ଡ/ ଅଚିନ୍ତା ଗ୍ରାମର ଦୃଶ୍ୟମାନ ସ୍ଥାନରେ, ସ୍ଥାନୀୟ ଅନ୍ୟୁନ ଦୁଇ ଜଣ ବ୍ୟକ୍ତିଙ୍କ ଉପସ୍ଥିତିରେ ଇସ୍ତିହାର ଲଟକାଇବା / ଜିଲ୍ଲାୱେବ ପୋର୍ଟାଲରେ (https://kendrapara.odisha.gov.in) ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରିବା ପାଇଁ ପଠାଗଲା ।

**ତହସିଲଦାର, କନିକା।**